ISSN (ELECTRONIC): 2945-3135

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ*, International Journal of Multidisciplinary Research & Reviews, *5(2), 206-213.*

INTERNATIONAL JOURNAL OF MULTIDISCIPLINARY RESEARCH & REVIEWS

journal homepage: www.ijmrr.online/index.php/home

# ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ

**ଡ. ହିମାଦ୍ରି ତନୟା ମିଶ୍ର**

ସହଯୋଗୀ ଗବେଷିକା

**How to Cite the Article:** ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ*, International Journal of Multidisciplinary Research & Reviews, *5(2), 206-213.*

https://doi.org/10.56815/ijmrr.v5i2.2026.206-213

| *Keywords* | *Abstract* |
|---|---|
| *(ସୂଚକ ଶବ୍ଦାବଳୀ - ଶାସ୍ତ୍ରୀୟ ସଙ୍ଗୀତ, ରାଗ ତାଳ, ଶ୍ରୁତି, ଆରୋହଣ, ଅବରୋହଣ, ବାଦୀ ସ୍ୱର, ସମ୍ବାଦୀ ସ୍ୱର, ମୀଡ, ଗମକ, ରାଗାଙ୍ଗ, ଭାବାଙ୍ଗ, ନାଟ୍ୟାଙ୍ଗ, ଧ୍ରୁପଦାଙ୍ଗ, ଚମ୍ପୂ, ଚଉତିଶା, ଛାନ୍ଦ, ସ୍ୱରମାଳିକା, ପଲ୍ଲବୀ, ଭଜନ, ଜଣାଣ, ଲକ୍ଷଣ ଗୀତ, ମଙ୍ଗଳ ଗୀତ ।* | ସାରାଂଶ : ଓଡ଼ିଶୀ ସଙ୍ଗୀତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଏକ ସମୃଦ୍ଧ ଓ ପ୍ରାଚୀନ ଶାଖା, ଯାହାର ମୂଳ ଉତ୍ସ ବୈଦିକ ସମୟ ଓ ମନ୍ଦିର ପରମ୍ପରା ସହ ଜଡିତ । ସଙ୍ଗୀତର ଦୁଇ ଧାରା- ଲୋକ ସଙ୍ଗୀତ ଓ ଶାସ୍ତ୍ରୀୟ ସଙ୍ଗୀତ - ମଧ୍ୟରୁ ଓଡ଼ିଶୀ ସଙ୍ଗୀତ ଉଚ୍ଚାଙ୍ଗ ଶାସ୍ତ୍ରୀୟ ପରମ୍ପରାରେ ଅନୁବନ୍ଧିତ । ଏହାର ମୂଳ ଉପାଦାନ ହେଉଛି ରାଗ ଓ ତାଳ, ଯାହା ୭ଟି ସ୍ୱର ଓ ୨୨ଟି ଶ୍ରୁତି ଆଧାରରେ ଗଠିତ । ଏହି ସଙ୍ଗୀତର ଐତିହ୍ୟ ଜୟଦେବଙ୍କ *ଗୀତଗୋବିନ୍ଦ* ଠାରୁ ଆରମ୍ଭ କରି ଅନେକ ପ୍ରାଚୀନ ଗ୍ରନ୍ଥ ଓ କବିଙ୍କ ରଚନାରେ ପ୍ରତିଫଳିତ । ଓଡ଼ିଶୀ ସଙ୍ଗୀତର ବିଭିନ୍ନ ରୂପ - ଚୌପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ ଆଦି - ଏହାର ସମୃଦ୍ଧତାକୁ ପ୍ରକାଶ କରେ । ପରିବେଷଣ ଶୈଳୀ ମୂଳତଃ ଚାରି ଭାଗରେ ବିଭକ୍ତ: ରାଗାଙ୍ଗ, ଭାବାଙ୍ଗ, ନାଟ୍ୟାଙ୍ଗ ଓ ଧ୍ରୁପଦାଙ୍ଗ । ଇତିହାସରେ ରାଜପ୍ରୋତ୍ସାହନ ଓ ମନ୍ଦିର ପରମ୍ପରା ଏହାକୁ ସୁଦୃଢ କରିଥିଲେ, କିନ୍ତୁ କେତେକ ସମୟରେ ପତନ ହେଲାପରେ ୨୦ତମ ଶତାବ୍ଦୀରେ ପୁନଃଜାଗରଣ ହେଲା । ଶାସ୍ତ୍ରୀୟ ନିୟମ, ଭାବ, ସ୍ୱର ଓ ତାଳର ସମନ୍ୱୟ ଓଡ଼ିଶୀ ସଙ୍ଗୀତକୁ ଏକ ସ୍ୱତନ୍ତ୍ର ଓ ଗରିମାମୟ ସଙ୍ଗୀତ ପରମ୍ପରା ଭାବେ ପରିଚିତ କରାଇଛି । |

**ଉପକ୍ରମ :-**

ସଙ୍ଗୀତ ଶାସ୍ତ୍ରର ଆଲୋଚନା ଏକ ଉଚ୍ଚାଙ୍ଗ ବୌଦ୍ଧିକ କଳା । ସଙ୍ଗୀତର ସୃଷ୍ଟି, ସୃଜନ କଳାର ଏକ ଶ୍ରେଷ୍ଠତମ ନିର୍ଯ୍ୟାସ । ପ୍ରକୃତିର ବିଭିନ୍ନ ରୂପ ମାଧୁର୍ଯ୍ୟକୁ ଅନୁସରଣ କରି ସଙ୍ଗୀତର ଉତ୍ପତ୍ତି ହୋଇଛି । ସାମବେଦରେ ସଙ୍ଗୀତର ଆଦ୍ୟ ସୂତ୍ରପାତ ଘଟିଛି । ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ମହର୍ଷି ମାତଙ୍ଗଙ୍କ ଠାରୁ ସଙ୍ଗୀତ ଶାସ୍ତ୍ରର ଆରମ୍ଭ ବୋଲି ଆଚାର୍ଯ୍ୟମାନେ ସ୍ୱୀକାର କରନ୍ତି । ସଙ୍ଗୀତର ଉଚ୍ଚାଙ୍ଗ ସୃଷ୍ଟିକୁ ଯେତେବେଳେ ଶାସ୍ତ୍ରୀୟ ସଙ୍ଗୀତ ପର୍ଯ୍ୟାୟବାଚୀ କରାଗଲା, ସେତେବେଳେ ସଙ୍ଗୀତର ଶାସ୍ତ୍ରୀୟତା ବିଷୟ ନିର୍ଯ୍ୟାସରେ ତର୍ଜମା ଆରମ୍ଭ ହେଲା । ସଙ୍ଗୀତର ଦୁଇଟି ଧାରା ରହିଛି । ଗୋଟିଏ ଲୋକ ବା ଜନପ୍ରିୟ ସଙ୍ଗୀତ ଏବଂ ଅନ୍ୟଟି ଉଚ୍ଚାଙ୍ଗ ବା ଶାସ୍ତ୍ରୀୟ ସଙ୍ଗୀତ । ଆମର ପ୍ରାଚ୍ୟ ଧାରାରେ ଏହାକୁ ଦୁଇ ଭାଗରେ ବିଭକ୍ତ କରି ପ୍ରଥମଟିକୁ ମାର୍ଗୀ ଓ ଦ୍ୱିତୀୟଟିକୁ ଦେଶୀ ଭାବରେ ଗ୍ରହଣ କରାଯାଇଛି । ଶାସ୍ତ୍ରୀୟ ସଙ୍ଗୀତ ପ୍ରାୟତଃ ବାଦ୍ୟ ଯନ୍ତ୍ରର ରୂପ ଓ ସ୍ୱର ସଙ୍ଗଠନ ଅନୁଯାୟୀ ଚିହ୍ନିତ ହୋଇଥାଏ । ଯାହାର ମୌଳିକ ଉପାଦାନଗୁଡ଼ିକୁ ବିଶ୍ଳେଷଣ କଲେ ସଙ୍ଗୀତର ଶାସ୍ତ୍ରୀୟତା ସ୍ପଷ୍ଟ ହୋଇଥାଏ । ମଧ୍ୟଯୁଗୀୟ ନିର୍ଦ୍ଦିଷ୍ଟ ସମୟରେ ସ୍ୱରକାରମାନେ ବ୍ୟାପକ ଭାବରେ ସଙ୍ଗୀତ ଶାସ୍ତ୍ରକୁ ଏକ ଭବ୍ୟ ରୂପ ପ୍ରଦାନ କରିଛନ୍ତି । ଏହି ଧାରାରେ 'ବିଶ୍ୱକୋଷ' ଓ ବିଭିନ୍ନ ଜ୍ଞାନଗ୍ରନ୍ଥର ଆଧାରରେ ଶାସ୍ତ୍ରୀୟ ସଙ୍ଗୀତର କେତେକ ଶ୍ରେଷ୍ଠ ଲକ୍ଷଣ ସ୍ଥିର କରାଯାଇଅଛି । ତାହା ହେଲା ;

The work is licensed under a Creative Commons Attribution Non Commercial 4.0 International License

ISSN (ELECTRONIC): 2945-3135

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ,* International Journal of Multidisciplinary Research & Reviews, *5(2), 206-213.*

୨. ଜନପ୍ରିୟ ବା ଲୋକ ସଙ୍ଗୀତ ଠାରୁ ପୃଥକ ଏକ ଆନୁଷ୍ଠାନିକ ଓ ଐତିହ୍ୟପୂର୍ଣ୍ଣ ବୈଶିଷ୍ଟ୍ୟ ବିମଣ୍ଡିତ ।

୩. ପ୍ରତିଷ୍ଠିତ, ପାରମ୍ପରିକ, ଛନ୍ଦ ବିନ୍ୟାସଯୁକ୍ତ ଗୀତି ରଚନା ଆଧାରିତ ।

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଚର୍ଚ୍ଚା ପ୍ରାଚୀନ ବୈଦିକ ଯୁଗରୁ ଆରମ୍ଭ ହୋଇ ଏଯାବତ୍ ଅବିଚ୍ଛିନ୍ନ ଧାରାରେ ଚାଲିଛି । ପ୍ରାୟ ୨୫୦୦ ବର୍ଷରୁ ଊର୍ଦ୍ଧ୍ୱ ଏହି ପରମ୍ପରା ମୂଳତଃ ମନ୍ଦିରରେ ଦେବଦେବୀଙ୍କ ସ୍ତୋତ୍ରରୁ ବା ପ୍ରକୃତିର ପରିଚର୍ଚ୍ଚାରୁ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପ୍ରଧାନ ଦୁଇଟି ଧାରା ରହିଛି । ପ୍ରଥମଟି ହିନ୍ଦୁସ୍ଥାନୀ ଓ ଦ୍ୱିତୀୟଟି କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ । ଏମାନେ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ହେଲେ ମଧ୍ୟ ଉଭୟ ଧାରାର ସଙ୍ଗୀତରେ ରହିଛି ଦୁଇଟି ମୌଳିକ ଉପାଦାନ – ତାଳ ଓ ରାଗ ଯାହାକି ଆମ ଓଡିଶୀ ସଙ୍ଗୀତରେ ଆମେ ଦେଖିବାକୁ ପାଇଥାଉ । (୧ )

ଏହି ରାଗଗୁଡିକ ୭ଟି ସ୍ୱର ଏବଂ ୨୨ ଟି ଶ୍ରୁତି ସମନ୍ୱୟରେ ସୃଷ୍ଟି ହୋଇଥାଏ । ଆରୋହଣ ଓ ଅବରୋହଣର ବିନ୍ୟାସ, ବାଦୀ ଓ ସମ୍ବାଦୀ ସ୍ୱରର ପ୍ରୟୋଗ ଏବଂ ମୀଡ, ଗମକ ଓ ଅନ୍ୟାନ୍ୟ ସାଙ୍ଗିତିକ କୌଶଳ ମାଧ୍ୟମରେ ଉଚ୍ଚାଙ୍ଗ ଶାସ୍ତ୍ରୀୟ ସଙ୍ଗୀତର ରାଗ ସମୂହ ପରିବେଷଣ କରାଯାଇଥାଏ । ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ଶତାବ୍ଦୀରେ ଭାରତୀୟ ଉଚ୍ଚାଙ୍ଗ ଶାସ୍ତ୍ରୀୟ ସଙ୍ଗୀତର ଧାରା ସ୍ୱତନ୍ତ୍ର ରୂପ ଲାଭ କରିଛି । ଧ୍ରୁପଦ, ଧମାର, ଖେୟାଲ ହେଉଛି ହିନ୍ଦୁସ୍ଥାନୀ ସଙ୍ଗୀତର ବିଭିନ୍ନ ଧରଣର ପ୍ରକାଶଭଙ୍ଗୀ । ଏଥିମଧ୍ୟରୁ ସବୁଠାରୁ ଜନପ୍ରିୟ ହେଉଛି ଖେୟାଲ । ଏ କ୍ଷେତ୍ରରେ ପଣ୍ଡିତ ବିଷ୍ଣୁ ନାରାୟଣ ଭାତଖଣ୍ଡେ (୧୮୬୦ -୧୯୩୬ଖ୍ରୀଷ୍ଟାବ୍ଦ)ଙ୍କ ଅବଦାନ ସ୍ମରଣୀୟ ।

କର୍ଣ୍ଣାଟକୀ ଉଚ୍ଚାଙ୍ଗ ସଙ୍ଗୀତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଅନ୍ୟତମ ଆଦି ରୂପ । ଦକ୍ଷିଣ ଭାରତରେ ଉଦ୍ଭୂତ କର୍ଣ୍ଣାଟକୀ ସଙ୍ଗୀତ ହେଉଛି ପୃଥିବୀର ପ୍ରାଚୀନତମ ସଙ୍ଗୀତ । ଏହା ମଧ୍ୟ ରାଗ ଓ ତାଳର ଆଧାରରେ ପରିବେଷଣ ହୋଇଥାଏ । କର୍ଣ୍ଣାଟକୀ ସଙ୍ଗୀତରେ ୭୨ ଟି ସାଙ୍ଗିତିକ କୋଡ୍ ରହିଛି । ଧାରା ଦାସଙ୍କୁ (୧୪୮୦ ରୁ ୧୫୬୪) କର୍ଣ୍ଣାଟକୀ ସଙ୍ଗୀତର ଜନକ ଭାବରେ ଗ୍ରହଣ କରାଯାଏ । (୨)

ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଗୋଟିଏ ସମୃଦ୍ଧ ଶାଖା । ଭାରତର ପୂର୍ବାଞ୍ଚଳ ଓଡ଼ିଶା ରାଜ୍ୟରେ ଏହାର ଉନ୍ମେଷ ଓ ବିକାଶ । ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ସମର୍ପିତ ଓଡ଼ିଶୀ ସଙ୍ଗୀତର ୨୦୦ ବର୍ଷରୁ ଊର୍ଦ୍ଧ୍ୱ ଦୀର୍ଘ ଇତିହାସ ରହିଛି । ଅନେକ ପ୍ରାଚୀନ ସଙ୍ଗୀତ ଶାସ୍ତ୍ର ଗ୍ରନ୍ଥ ସହିତ ବିଭିନ୍ନ ରାଗ ଓ ତାଳ ଏବଂ ଉଲ୍ଲେଖନୀୟ ଶୈଳୀ ଏହାର ପ୍ରାଚୁର୍ଯ୍ୟର ଅଙ୍ଗ ବିଶେଷ । ଓଡ଼ିଶୀ ସଙ୍ଗୀତର ବିବିଧ ପ୍ରାରୂପ ଭାବରେ ଓଡ଼ିଶୀ ଗୀତ, ଚୌପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଜଣାଣ, ମାଳଶ୍ରୀ, ଭଜନ, ସରିମାନ, ଝୁଲା, କୁତୁକା, କୋଇଲି, ପୋଇ, ବୋଲି ଏବଂ ଆହୁରି ଅନେକ ଅନ୍ତର୍ଭୁକ୍ତ ରହିଛି । ଏହାର ପରିବେଷଣ ଶୈଳୀକୁ ୪ ଭାଗରେ ବିଭକ୍ତ କରାଯାଇଛି । ଯଥା - ରାଗାଙ୍ଗ, ଭାବାଙ୍ଗ, ନାଟ୍ୟାଙ୍ଗ ଓ ଧ୍ରୁବ ପଦାଙ୍ଗ । କେତେଜଣ ସୁବିଖ୍ୟାତ ଓଡ଼ିଶୀ ସଙ୍ଗୀତ ରଚନାକାରଙ୍କ ଭିତରେ ଦ୍ୱାଦଶ ଶତାବ୍ଦୀର ସୁପ୍ରସିଦ୍ଧ କବି ଜୟଦେବ, ପଞ୍ଚସଖା କବିମାନଙ୍କ ଭିତରୁ ବଳରାମ ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, ରୀତି ଯୁଗର କବି ଦୀନକୃଷ୍ଣ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବି ବନମାଳୀ, କବିସୂର୍ଯ୍ୟ ବଳଦେବ ରଥ ଓ କବି ଅଭିମନ୍ୟୁ ସାମନ୍ତସିଂହାର, କବି ବନମାଳୀ ଓ କବି ଗୋପାଳକୃଷ୍ଣ ପ୍ରଭୃତି ପ୍ରସିଦ୍ଧ । (୩)

The work is licensed under a Creative Commons Attribution Non Commercial 4.0 International License

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ,* International Journal of Multidisciplinary Research & Reviews, *5(2), 206-213.*

ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀର ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଯେଉଁ ୪ଟି ଶାଖାର କଥା ଉଲ୍ଲେଖ କରାଯାଇଛି, ଯଥା – ଅବନ୍ତି, ପାଞ୍ଚାଳୀ, ଉଡ୍ର ମାଗଧୀ ଓ ଦାକ୍ଷିଣାତ୍ୟ । ଏଥିମଧ୍ୟରୁ ଉଡ୍ର ମାଗଧୀରୁ ହିଁ ପରବର୍ତ୍ତୀ ସମୟରେ ଓଡ଼ିଶୀ ସଙ୍ଗୀତର ଉନ୍ମେଷ ଘଟିଛି । ମଧ୍ୟଯୁଗର ଆଦ୍ୟ ପାଦରେ ଦ୍ୱାଦଶ ଶତାବ୍ଦୀର କବି ଜୟଦେବଙ୍କ ଗୀତଗୋବିନ୍ଦରୁ ଓଡ଼ିଶୀ ସଙ୍ଗୀତର ଅମୃତ ଧାରା ନିସନ୍ଦିତ ହୋଇଥିଲା । ବିଭିନ୍ନ ରାଗ ଓ ତାଳରେ ନିବଦ୍ଧ ଜୟଦେବଙ୍କ ପଦାବଳୀ ଏଇ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ଉତ୍ସ ଭାବରେ ନିର୍ଣ୍ଣୟ କରାଯାଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ସମ୍ରାଟ କପିଳେନ୍ଦ୍ର ଦେବ ଓଡ଼ିଶୀ ସଙ୍ଗୀତକୁ ପୃଷ୍ଟପୋଷକତା କରିଥିବା ଅଭିଲେଖରୁ ଅନୁମିତ ହୁଏ । ଗଜପତି ପ୍ରତାପରୁଦ୍ର ଦେବଙ୍କ ଏକ ପ୍ରସିଦ୍ଧ ଅଭିଲେଖରୁ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ସେବାର ଐତିହାସିକ ପ୍ରଚଳନର ସୂଚନା ମିଳେ । ଗୀତଗୋବିନ୍ଦ ଗାୟନ ସହିତ ମାହାରୀ ଓ ଦେବଦାସୀମାନଙ୍କ ନୃତ୍ୟ ଅଭିଲେଖ ସହିତ ମାଦଳାପାଞ୍ଜିରେ ଉଲ୍ଲିଖିତ ହୋଇ ରହିଛି । (୪)

ସମ୍ରାଟ ଖାରବେଳଙ୍କ ଠାରୁ ପ୍ରସାରିତ ହୋଇଥିବା ସାଂସ୍କୃତିକ ଅଭ୍ୟୁଥାନ ଗଜପତି ମୁକୁନ୍ଦ ଦେବଙ୍କ ପରାଜୟ ପରେ ଓଡ଼ିଶା ଯେତେବେଳେ ପରାଧୀନ ହୋଇଗଲା ସାଂସ୍କୃତିକ ଧାରା ମଧ୍ୟ ଶୁଷ୍କ ହୋଇଯାଇଥିଲା । ପୁଣି ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ବିଶିଷ୍ଟ ସଙ୍ଗୀତ ସାଧକ ଓ କଣ୍ଠଶିଳ୍ପୀଙ୍କ ଅବିରତ ସାଧନା ବଳରେ ତା'ର ପୁନଃ ପ୍ରତିଷ୍ଠା ସମ୍ଭବ ହୋଇପାରିଲା । ସେହିମାନଙ୍କ ମଧ୍ୟରେ ଆଦିଗୁରୁ ସଂହାରୀ ଶ୍ୟାମସୁନ୍ଦର କର, ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ଠାରୁ ଆରମ୍ଭ କରି ସାମ୍ପ୍ରତିକ କାଳରେ ବିଭିନ୍ନ ରାଜ ଦରବାର ଓ ପରବର୍ତ୍ତୀ ସମୟରେ ସରକାରଙ୍କ ପ୍ରୋତ୍ସାହନରେ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ନିଜସ୍ୱ ଗରିମା ପ୍ରତିଷ୍ଠିତ ହୋଇଛି । (୫)

ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ଯେଉଁ ୪ଟି ପ୍ରଧାନ ଚରିତ୍ରର କଥା ତତ୍ତ୍ୱ ଦିଗରୁ ଆଲୋଚିତ ହୋଇଥାଏ, ତାହା ହେଉଛି ଧ୍ରୁବପଦ, ଚିତ୍ର ପଦ, ଚିତ୍ରକଳା ଓ ପଞ୍ଚାଳୀ । ଭରତମୁନିଙ୍କ ନାଟ୍ୟଶାସ୍ତ୍ରରୁ ଆରମ୍ଭ କରି 'ଗୀତଗୋବିନ୍ଦ', 'ରାଗ ବିବେକ', 'ସଙ୍ଗୀତ ଚନ୍ଦ୍ରିକା', 'ସଙ୍ଗୀତ କୌମୁଦୀ', 'ସଙ୍ଗୀତ ଶିରୋମଣି', 'ବାଙ୍ମୟ ବିବେକ', 'ସଙ୍ଗୀତ ଦାମୋଦର' ପ୍ରଭୃତି ଗ୍ରନ୍ଥରେ ଏହାର ପ୍ରତିପାଦନ କରାଯାଇଛି । ଏହି ସବୁର ଆଧାରରେ ବିଶିଷ୍ଟ ଛନ୍ଦ କବିମାନେ ଓଡ଼ିଶୀ ସଙ୍ଗୀତ ରଚନା କରିଛନ୍ତି । ସେଥିରେ ଭାବ, ତାଳ ଓ ସ୍ୱର ସମାନ ଗୁରୁତ୍ୱ ଲାଭ କରିଛି । ଓଡ଼ିଶୀ ସଙ୍ଗୀତର ଅନ୍ୟତମ ସ୍ୱରୂପ ପଦୀ ଯାହା ଦ୍ରୁତ ତାଳରେ ସନ୍ନିବେଶିତ ହୋଇଥାଏ । ଅନ୍ୟ ଭାବରେ ନବ ତାଳ, ଦଶ ତାଳ ଓ ଏଗାର ତାଳ ପ୍ରଭୃତି ମଧ୍ୟ ସମ୍ଭବ ହୋଇଥାଏ । ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ପରି ଓଡ଼ିଶୀ ସଙ୍ଗୀତର ରାଗ ବିନ୍ୟାସ ଶାସ୍ତ୍ରୀୟତାରେ ସମୃଦ୍ଧ । ପ୍ରଧାନ ଓଡ଼ିଶୀ ମେଳ ରାଗ ମଧ୍ୟରେ ଶଙ୍କରାଭରଣ, କଲ୍ୟାଣ, ନଟ, ମୁଖାରୀ, କଳାବତୀ, ଭୈରବ, ଶ୍ରୀ, ଗୌରୀ, ବରାଡି, ଧନାଶ୍ରୀ, କର୍ଣ୍ଣାଟ ପ୍ରଧାନ । (୬)

**୧୯ ଶ ଶତାବ୍ଦୀ, ଚନ୍ଦନ ହଜୁରୀ (ରାଗ ରସକୁଲ୍ୟା),** ଗୀତ :- ଚକାନୟନକୁ ପତିତ କେହି/ ଡକାଇ ଖର ନିଶ୍ୱାସ ପକାଇ ।

**୧୮ ଶତାବ୍ଦୀ, ସାନନ୍ଦ ଦ୍ୱିଜ, (ରାଗ ଜୟନ୍ତ),** ଗୀତ :- 'କାହାକୁ ମୁଁ କରିବଇଁ ସାକ୍ଷୀ ହେ ଚକାଆଖି ।

**୧୮ ଶ ଶତାବ୍ଦୀ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, (ରାଗ କାମୋଦୀ),** ଗୀତ :- 'ମଣିମା ଶୁଣିବା ହେଉ ଗରିବ ଡାକ/ ନୀରକ୍ଷ ଜନଙ୍କୁ ରଖ ପଙ୍କଜ ମୁଖ' ।

n

The work is licensed under a Creative Commons Attribution Non Commercial 4.0 International License

ISSN (ELECTRONIC): 2945-3135

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ,* International Journal of Multidisciplinary Research & Reviews, *5(2), 206-213.*

୮ **ଶ ଶତାବ୍ଦୀ, ରାମଚନ୍ଦ୍ର ପଟ୍ଟନାୟକ, (ରାଗ ଲଳିତ)**, ଗୀତ :- 'ଦୟାକର ଦୀନବନ୍ଧୁ ଶୁଭେ ଯାଉ ଆଜ ଦିନ/ କର ଯାଡି ତୁମ୍ଭ ପଦେ କରୁଅଛି ନିବେଦନ' ।

- **୧୮ ଶ ଶତାବ୍ଦୀ, ବୀର କେଶରୀ ଦେବ, (ରାଗ କାମୋଦୀ)**, ଗୀତ :- 'ପତିତପାବନ ବାନା ଆଉ କେତେବେଳକୁ/ ଭାସିଗଲି ଭବ ଜଳେ ନାବ ଦିଅ କୂଳକୁ' ।

ୟଦେବଙ୍କ ରଚିତ **'ଗୀତଗୋବିନ୍ଦ'**ର ଉଦାହରଣ :-

- **ଦ୍ୱିତୀୟ ପ୍ରବନ୍ଧ :-** ଗୁର୍ଜ୍ଜରୀ ରାଗ , ନିଃସାର ତାଳ
  ଶ୍ରିତକମଳାକୁଚ ମଣ୍ଡଳ ଧୃତ କୁଣ୍ଡଳ
  କଳିତ ଲଳିତ ବନମାଳ ଜୟ ଜୟ ଦେବ ହରେ ..(୧୧୩ )
- **ଚତୁର୍ଥ ପ୍ରବନ୍ଧ :-** ରାମକେରୀ ରାଗ(ବସନ୍ତ ରାଗ), ଯତି ତାଳ
  ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ପୀତବସନ ବନମାଳୀ
  କେଳି ଚଳନ୍ମଣି କୁଣ୍ଡଳ ମଣ୍ଡିତ ଗଣ୍ଡ ଯୁଗ ସ୍ମିତଶାଳୀ.. (ପୃ -୧୧୪ )

ବିସୂର୍ଯ୍ୟଙ୍କ **'ଚମ୍ପୂ କାବ୍ୟ'ରେ** ଯଦି ଆମେ ଦେଖିବା :-

- **ରାଗ – ସବେରୀ, କ ଚମ୍ପୂ**
  କି ହେଲାରେ କହିତ ନୁହଇଁ ଭାରତୀରେ,
  କାଳି ଯା ଦୂରରୁ ଦେଖି କଳନା କଲା ମୋ ଆଖି
  କଳା ଇନ୍ଦୀବର ଆରତିରେ (ପୃ -୪)
- ରାଗ – କେଦାର, ଖ ଚମ୍ପୂ
  ଖରପ ତୁ ହେଲୁରେ, ଖେଳା ଲୋଳା ଖଞ୍ଜନାକ୍ଷୀ କି ସାହସ କଲୁରେ(ପୃ – ୬)
- ରାଗ – ତୋଡି ପରଜ, ଝ ଚମ୍ପୂ
  ଝଗଡି ମାତ୍ର ହେଲ ହେ ଶ୍ୟାମ ଝଗଡି
  ଜୀମୂତ ହେବାକୁ ସହସ୍ରେ ଜାମ ... (ପୃ -୧୬)
- ରାଗ – କେଦାର ଗୌଡ଼ା, ଭ ଚମ୍ପୂ
  ଭଙ୍ଗୀ ଚାହାଁ, ଭୁରୁ ନୀଳ ଭୁଜଙ୍ଗୀ ଭ୍ରମର ଜୀବ ସଙ୍ଗୀ (ପୃ -୩୭)

ଡ଼ିଶୀ ସଙ୍ଗୀତର ଗୀତ ପର୍ଯ୍ୟାୟ ୪ ଗୋଟି ଭାଗରେ ବିଭକ୍ତ କରାଯାଇଛି । ଯଥା - ରାଗାଙ୍ଗ, ଭାବାଙ୍ଗ, ନାଟ୍ୟାଙ୍ଗ, ରୁପଦାଙ୍ଗ ଏହା ସହିତ ଅନ୍ୟାନ୍ୟ ଗୀତ ପର୍ଯ୍ୟାୟ ମଧ୍ୟ ରହିଛି ଯାହାକି ଶାସ୍ତ୍ରୀୟ ରୀତି ଅଟେ ।

The work is licensed under a Creative Commons Attribution Non Commercial 4.0 International License

ISSN (ELECTRONIC): 2945-3135

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ,* International Journal of Multidisciplinary Research & Reviews, *5(2), 206-213.*

ଭାବରେ ଶାସ୍ତ୍ର ଆଧାରିତ ଧାରାରେ ଗାୟନ କ୍ରମ ଶେଷ କରିଥାନ୍ତି । ଏହି ଗାୟନ କ୍ରମକୁ ୭ ଟି ଭାଗରେ ନିଆଯାଇଛି । ଯଥା :- ଅନିବଦ୍ଧ ଆଳାପ, ନିବଦ୍ଧ ଆଳାପ, ପଦ ବିନ୍ୟାସ, ସ୍ୱର ବିନ୍ୟାସ ଓ ତାନ୍ ।

**ଓଡ଼ିଶୀ ଭାବାଙ୍ଗ ପର୍ଯ୍ୟାୟ :-** ଏହି ବିଭାଗର ଗୀତଗୁଡିକ ସମ୍ପୂର୍ଣ୍ଣ ଭାବମୟ ହୋଇଥିବାରୁ ତାହାକୁ ଓଡ଼ିଶୀ ଭାବାଙ୍ଗ ପର୍ଯ୍ୟାୟ କୁହାଯାଏ । ରସ ଓ ଭାବ ଉପରେ ବିଶେଷ ଗୁରୁତ୍ୱ ରହିଥାଏ । ଏହି ପର୍ଯ୍ୟାୟର ଗୀତଗୁଡିକ ସ୍ୱତନ୍ତ୍ର ସ୍ୱରରେ ରଚିତ ହୋଇଥାଏ । ତେଣୁ ଏହାକୁ ପାରମ୍ପରିକ ସ୍ୱରରେ ଗାନ କରିବା ସହ ଗୀତକୁ ଅତ୍ୟଧିକ ରସାଣିତ କରିବା ପାଇଁ ବିଭିନ୍ନ ରାଗରେ ଅନୁବନ୍ଧିତ କରାଯାଇ ବୋଲାଯାଇଥାଏ ।

**ଓଡ଼ିଶୀ ନାଟ୍ୟାଙ୍ଗ ପର୍ଯ୍ୟାୟ :-** ନୃତ୍ୟ ଅଙ୍ଗରେ ଗାୟନ କରାଯାଇଥିବାରୁ ଏହି ଗୀତ ପର୍ଯ୍ୟାୟକୁ ନାଟ୍ୟାଙ୍ଗ କୁହାଯାଏ । ଗୋଟିପୁଅ ନୃତ୍ୟ ଓ ମାହାରୀ ନୃତ୍ୟରେ ଏହାର ସ୍ୱରୂପ ପ୍ରକାଶ ପାଇଥାଏ । ଏଥିରେ ତାଳର ପ୍ରାଧାନ୍ୟ ବେଶୀ ଥାଏ । ଏହା ସହିତ ସଂକ୍ଷିପ୍ତ ଭାବରେ ପଦ ବିନ୍ୟାସ, ସ୍ୱର ବିନ୍ୟାସ ଓ ତାନ୍ କରାଯାଇଥାଏ ।

**ଓଡ଼ିଶୀ ଧ୍ରୁପଦାଙ୍ଗ ପର୍ଯ୍ୟାୟ :-** ଏହି ଗୀତ ଏକ ନିର୍ଦ୍ଦିଷ୍ଟ ରାଗ ଓ ତାଳରେ ଗାୟନ କରାଯାଇଥାଏ । ଓଡ଼ିଶୀ ଗାୟନ ସମୟରେ ଗୀତ ପୂର୍ବରୁ ଭିନ୍ନ ଭିନ୍ନ ଲୟ କ୍ରିୟାକୁ ଆଶ୍ରୟ କରି ଆଳାପ କ୍ରିୟା ସମ୍ପାଦନ କରାଯାଏ । ଏକ ଗୁଣ, ଦେଢ ଗୁଣ, ଦୁଇ ଗୁଣ, ତିନି ଗୁଣ, ଚାରି ଗୁଣ ଆଦି ଲୟ କ୍ରିୟାରେ ଗାୟନ କରାଯାଏ । କୁଡୁକ, ମଠା, ସରିମାନ ଇତ୍ୟାଦି ତାଳଗୁଡିକରେ ଏହି ଗୀତ ଗାନ କରାଯାଇଥାଏ ।

**ଓଡ଼ିଶୀ ଚମ୍ପୂ ପର୍ଯ୍ୟାୟ :-** ସଂସ୍କୃତ ଚମ୍ପୂର ଅନୁକରଣରେ ଓଡିଆ ଚମ୍ପୂଗୁଡିକ ଲେଖାଯାଇଅଛି । ଗଦ୍ୟ ପଦ୍ୟର ମିଶ୍ରଣରେ ଚମ୍ପୂ ରଚନା ହୋଇଥାଏ । ଗଦ୍ୟ ଅଂଶଟି ସଂସ୍କୃତ ଓ ପଦ୍ୟ ଅଂଶଟି ଓଡିଆରେ ରଚିତ । ବ୍ୟଞ୍ଜନ 'କ' ବର୍ଣ୍ଣ ଠାରୁ ଆରମ୍ଭ କରି ଯଥାକ୍ରମେ 'କ୍ଷ' ବର୍ଣ୍ଣ ପର୍ଯ୍ୟନ୍ତ ୩୪ ଟି ବର୍ଣ୍ଣରେ ଗୀତଗୁଡିକ ରଚିତ ହୋଇଛି । ପ୍ରତ୍ୟେକ ଗୀତ ସ୍ୱତନ୍ତ୍ର ରାଗ ଓ ତାଳରେ ପରିବେଷଣ କରାଯାଏ । ଓଡିଶୀ ସଙ୍ଗୀତର ମଧୁରତା ଏଥିରେ ଅତ୍ୟନ୍ତ ଚମତ୍କାର ଭାବରେ ପ୍ରକାଶ ପାଇଥାଏ ।

**ଓଡ଼ିଶୀ ଚଉତିଶା ପର୍ଯ୍ୟାୟ :-** ଚଉତିରିଶ ପଦ ବିଶିଷ୍ଟ ଏକ ରଚନାକୁ ଚଉତିଶା କୁହାଯାଏ । ଓଡିଆ ଭାଷାର ବର୍ଣ୍ଣମାଳା ଅନୁସାରେ ବ୍ୟଞ୍ଜନ ବର୍ଣ୍ଣର 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ ଟି ଅକ୍ଷର କ୍ରମକୁ ନେଇ ପଦଗୁଡିକ ସଂଯୋଜନା କରାଯାଇଥାଏ । ଏହା ଯେତେ ବର୍ଣ୍ଣନାତ୍ମକ ହୋଇଥିଲେ ମଧ୍ୟ ୩୪ ଟି ପଦ ଭିତରେ ସୀମିତ ଥାଏ । ଚମ୍ପୂର ଗୀତଗୁଡିକ ୩୪ ଟି ବ୍ୟଞ୍ଜନ ବର୍ଣ୍ଣ ସହାୟତାରେ ରଚିତ କିନ୍ତୁ ଚଉତିଶା ଗୀତରେ ୩୪ ପଦ ବିଶିଷ୍ଟ ଗୋଟିଏ ଗୀତ ରଚନାକୁ ବୁଝାଇଥାଏ । ଏହା ନିର୍ଦ୍ଦିଷ୍ଟ ବୃତ୍ତ ବା ବାଣୀରେ ଗାୟନ କରାଯିବା ସହିତ ରାଗାଙ୍ଗର କୌଣସି କ୍ରିୟାକୁ ଅନୁସରଣ କରି ନଥାଏ ।

**ଓଡ଼ିଶୀ ଛାନ୍ଦ ପର୍ଯ୍ୟାୟ :-** ଏହା ଓଡ଼ିଶୀ ସଙ୍ଗୀତ ପଦ୍ଧତିର ସ୍ୱତନ୍ତ୍ର ଶୈଳୀରେ ବୋଲାଯାଏ । ଛନ୍ଦ ଅନୁସାରେ ସ୍ୱର, ତାଳ ଓ ବହୁ ପଦ ବିଶିଷ୍ଟ ରଚନାକୁ ଛାନ୍ଦ କୁହାଯାଏ । ଛାନ୍ଦ ସ୍ୱରଗୁଡିକ ପାରମ୍ପରିକ ସ୍ୱରରେ ଗାୟନ କଲାବେଳେ ଓଡିଶୀ ସଙ୍ଗୀତର ଶାସ୍ତ୍ରୀୟତା ସ୍ପଷ୍ଟ ବାରି ହୋଇପଡ଼େ । ଏହା ନିର୍ଦ୍ଦିଷ୍ଟ ବୃତ୍ତ ବା ବାଣୀରେ ଗାୟନ ହୋଇଥାଏ । ଯଥା :- ଚୋଖି ବୃତ୍ତ, ଚକ୍ର କେଳି ବୃତ୍ତ, ଆଷାଢ ଶୁକ୍ଳ, କଳସା, ପୋଇବାଣୀ, ପଞ୍ଚମ ବରାଡୀ ଓ କଲ୍ୟାଣ ଆହାରୀ ବୃତ୍ତ ଇତ୍ୟାଦି ।

The work is licensed under a Creative Commons Attribution Non Commercial 4.0 International License

ISSN (ELECTRONIC): 2945-3135

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ,* International Journal of Multidisciplinary Research & Reviews, *5(2), 206-213.*

**ଓଡ଼ିଶୀରେ ଗୀତଗୋବିନ୍ଦ ପର୍ଯ୍ୟାୟ** :- ଓଡ଼ିଶୀ ସଙ୍ଗୀତରେ ଏହାର ସ୍ଥାନ ସ୍ୱତନ୍ତ୍ର । ଅଷ୍ଟପଦୀ ମଧ୍ୟ କୁହାଯାଏ । ଗୋବିନ୍ଦଙ୍କ କଥାବସ୍ତୁର ବର୍ଣ୍ଣନା ଥିବାରୁ ଏହାକୁ ଗୀତଗୋବିନ୍ଦ ନାମରେ ନାମିତ କରାଯାଇଛି । କବିରାଜ ଜୟଦେବଙ୍କ ରଚିତ ଗୀତଗୋବିନ୍ଦରେ ଥିବା ରାଗ ଓ ତାଳଗୁଡିକ ଓଡ଼ିଶୀ ସଙ୍ଗୀତ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହା ଓଡ଼ିଶୀ ସଙ୍ଗୀତର ଭାବପକ୍ଷକୁ ସମ୍ପୂର୍ଣ୍ଣ ଭାବେ ମଣ୍ଡିତ କରିଥାଏ ଓ ଏଥିରେ ଥିବା ପ୍ରତ୍ୟେକ ଗୀତ ଶାସ୍ତ୍ରୀୟ ଆଧାର ଓ ଭକ୍ତିମୂଳକ ଅଟେ ।

**ଓଡ଼ିଶୀ ସ୍ୱରମାଳିକା ଓ ପଲ୍ଲବୀ ପର୍ଯ୍ୟାୟ** :- କୌଣସି ଏକ ନିର୍ଦ୍ଦିଷ୍ଟ ରାଗରେ ସ୍ୱରମାନଙ୍କୁ ତାଳବଦ୍ଧ କରି ଗୀତ ଭଳି ଗାୟନ କରିବାକୁ ସ୍ୱର ମାଳିକା କୁହାଯାଏ । ଏଥିରେ ରାଗ ଅନୁସାରେ ସ୍ୱରମାନଙ୍କୁ ସଜାଇ ସ୍ଥାୟୀ, ଅନ୍ତରା ସହିତ 'ପଦି' ଗାୟନ କ୍ରିୟା ସମ୍ପାଦିତ ହୋଇଥାଏ । ସ୍ୱରମାନଙ୍କୁ ଏକ ନିର୍ଦ୍ଦିଷ୍ଟ ରାଗ ଓ ତାଳ ମଧ୍ୟରେ ଗୀତ ଭଳି ସଜାଇ ଗାୟନ କରିବାକୁ ପଲ୍ଲବୀ କୁହାଯାଏ । ଏହା ଦୁଇ ପ୍ରକାର ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ରାଗରେ ବ୍ୟବହୃତ ସ୍ୱରମାନଙ୍କୁ ନେଇ ତାଳ ଓ ଛନ୍ଦ ମଧ୍ୟରେ ସଜାଇ ଗାଇବାକୁ ସ୍ୱର ପଲ୍ଲବୀ ଓ ବାଦ୍ୟମାନଙ୍କର ବାଣୀମାନଙ୍କୁ ନେଇ ଏକ ନିର୍ଦ୍ଦିଷ୍ଟ ରାଗ ଓ ତାଳରେ ଛନ୍ଦ ବଦ୍ଧ କରି ସଜାଇ ଗାୟନ କରିବାକୁ ବାଦ୍ୟ ପଲ୍ଲବୀ କୁହାଯାଏ ।

**ଓଡ଼ିଶୀରେ ଭଜନ ଓ ଜଣାଣ ପର୍ଯ୍ୟାୟ** :- ଈଶ୍ୱରଙ୍କର ନାମ ଓ ଗୁଣକୁ ପ୍ରଶଂସା କରିବା ପୂର୍ବକ ଗାୟନକୁ ଭଜନ କୁହାଯାଏ । ଈଶ୍ୱରଙ୍କ ନିକଟରେ ନିଜ ମନର ଅଭିବ୍ୟକ୍ତି ଜଣାଇବାକୁ ଜଣାଣ କୁହାଯାଏ । ଏହା କୌଣସି ରାଗ ବା ମିଶ୍ର ରାଗକୁ ନେଇ ବୋଲାଯାଇଥାଏ । ଯାହାକି ଅନ୍ୟାନ୍ୟ ଶାସ୍ତ୍ରୀୟ ସଙ୍ଗୀତ ଗାୟନ କ୍ଷେତ୍ରରେ ପ୍ରକ୍ରିୟା ଭଜନ ଗାନ ରହିଛି । ମାତ୍ର ଜଣାଣ ପରିବେଷଣ ହୋଇଥିବାର ପ୍ରାୟତଃ ଦେଖାଯାଏ ନାହିଁ । ଉକ୍ତ ରଚନାଗୁଡିକ ପାରମ୍ପରିକ ସ୍ୱରରେ ରାଗ ଓ ତାଳ ଆଧାରରେ ଗାୟନ କରାଯାଇଥାଏ ।

**ଓଡ଼ିଶୀ ଲକ୍ଷଣ ଗୀତ, ମାଳଶ୍ରୀ ଓ ମଙ୍ଗଳ ଗୀତ ପର୍ଯ୍ୟାୟ** :- ଓଡ଼ିଶୀ ସଙ୍ଗୀତରେ ଯେଉଁ ସ୍ୱରମାଳିକା ଗାୟନ କରାଯାଏ ସେଥିରେ ସ୍ଥାୟୀ, ଅନ୍ତରା ସହିତ 'ପଦି' ଗାୟନ ପ୍ରକ୍ରିୟା ମଧ୍ୟ ଥାଏ । ରାଗର ସମସ୍ତ ଲକ୍ଷଣ ସହିତ ଶାସ୍ତ୍ରୀୟ ପରିଚୟକୁ ନେଇ ରାଗରେ ଲାଗୁଥିବା ସ୍ୱରମାନଙ୍କ ସହାୟତାରେ ତାଳବଦ୍ଧ ଲହରୀ ଗୀତ ଭଳି ଗାୟନ କରିବାକୁ ଲକ୍ଷଣ ଗୀତ କୁହାଯାଏ । ମାଳ ପରି ପଦଗୁଡିକୁ ସଜାଇ ଗାୟନ କରିବାକୁ ମାଳଶ୍ରୀ କୁହାଯାଏ । ଏହା ସହିତ ଯେକୌଣସି ମାଙ୍ଗଳିକ କାର୍ଯ୍ୟରେ ଗାୟନ କରାଯାଉଥିବା ଗୀତ ରହିଛି, ଯାହାକୁ ମଙ୍ଗଳ ଗୀତ କୁହାଯାଏ । ଦୋଳ ବିମାନରେ ମହାପ୍ରଭୁଙ୍କ ପ୍ରତିରୂପ ମଦନମୋହନ ବିଗ୍ରହଙ୍କୁ ରଖି ଚାପକୁ ନେବା ଅବସରରେ ଏହିପରି ମଙ୍ଗଳ ଗୀତମାନ ଗାନ ହୋଇଥାଏ । ଏହା ଏକ ନିଆରା ପରମ୍ପରା ଅନୁଷ୍ଠିତ ହୁଏ । ଯାହାକି ଅନ୍ୟ କୌଣସି ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ଉପଲବ୍ଧ ଏଯାବତ ଦେଖାଯାଇ ନାହିଁ ।

**ଓଡ଼ିଶୀ ସଙ୍ଗୀତ ପରିବେଷଣ ଶୈଳୀ** :- ଶାସ୍ତ୍ରୀୟ ସଙ୍ଗୀତ ଏକ ଉଚ୍ଚାଙ୍ଗ କଳା ହୋଇଥିବାରୁ ଏହାର ନିର୍ଦ୍ଦିଷ୍ଟ ବିଧି ବିଧାନ ରହିଛି । ସଙ୍ଗୀତ କଳାର କ୍ରିୟାପକ୍ଷ ଯେପରି ସୁସଙ୍ଗଠିତ, ସୁସଂଯୋଜିତ ଓ ବିଧିସମ୍ମତ ହେଇପାରିବ, ସେଥିପ୍ରତି ଗାୟକଙ୍କୁ ଦୃଷ୍ଟି ଦେବାକୁ ପଡିଥାଏ । ଯାହା ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତର ଯଥାର୍ଥତା ଅକ୍ଷୁଣ୍ଣ ରହିଥାଏ । (୭)

The work is licensed under a Creative Commons Attribution Non Commercial 4.0 International License

ISSN (ELECTRONIC): 2945-3135

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ,* International Journal of Multidisciplinary Research & Reviews, *5(2), 206-213.*

କ୍ରିୟାତ୍ମକ ଉପାଦାନରେ ସଜ୍ଜିତ । ପ୍ରବିଧି ହେଉଛି ନିର୍ଦ୍ଦିଷ୍ଟ ତଥ୍ୟାତ୍ମକ ବୈଶିଷ୍ଟ୍ୟ ବା ବ୍ୟାକରଣ ବିଶେଷ । ଓଡ଼ିଶୀ ସଙ୍ଗୀତରେ ଏହି ତିନୋଟି ବିଷୟ ଯଥେଷ୍ଟ ସମୃଦ୍ଧ ଥିବାରୁ ଏହା ଭାରତର ଅନ୍ୟତମ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପାଇବା ପାଇଁ ଯୋଗ୍ୟ ଅଟେ । ହିନ୍ଦୁସ୍ଥାନୀ ହେଉ ବା କର୍ଣ୍ଣାଟକୀ ହେଉ, ଓଡିଶୀ ସଙ୍ଗୀତ ହେଉ ପ୍ରତ୍ୟେକଟି ଭାରତୀୟ ସଙ୍ଗୀତ । ସଙ୍ଗୀତର ଧର୍ମ ନେଇ ତା'ର ବର୍ଗୀକରଣ ଅବଶ୍ୟ ରହିଛି । ତେଣୁ ଜଣେ ଶାସ୍ତ୍ରୀୟ ସଂଗୀତଜ୍ଞ ଅନ୍ୟ ଯେକୌଣସି ସଂଗୀତଜ୍ଞଙ୍କୁ ଯେତିକି ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ କରିବେ, ସେ ମଧ୍ୟ ସେତିକି ସମ୍ମାନସ୍ପଦ ଓ ଶ୍ରଦ୍ଧା ଭାଜନ ହୋଇପାରିବେ । ଏହାଦ୍ୱାରା ବିଶେଷ ଭାବେ ସମ୍ମାନିତ ହେବ ଶାସ୍ତ୍ରୀୟ ସଙ୍ଗୀତ ତଥା ସମାଜରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ସମାନ ଆଦର ସୃଷ୍ଟି ହୋଇ ପାରିବ ।

———

**ପୁସ୍ତକ ସୂଚୀ (ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧିତ)**

୧. **ନାଟ୍ୟଶାସ୍ତ୍ର** - ଭାରତ ମୁନି (ଆନୁ. ଖ୍ରୀ.ପୂ. ୨୦୦–ଖ୍ରୀ. ୨୦୦)

୨. **ଗୀତଗୋବିନ୍ଦ** - ଜୟଦେବ (୧୨ଶତାବ୍ଦୀ)

୩. **ସଙ୍ଗୀତ ରତ୍ନାକର** - ଶାରଙ୍ଗଦେବ (୧୩ଶତାବ୍ଦୀ)

୪. **ଅଭିନୟ ଚନ୍ଦ୍ରିକା** - ମହେଶ୍ୱର ମହାପାତ୍ର (୧୫ଶତାବ୍ଦୀ)

୫. **ସଙ୍ଗୀତ ଦର୍ପଣ** - ଦାମୋଦର ମିଶ୍ର (୧୭ଶତାବ୍ଦୀ)

୬. Odissi Music - ଡ଼. ଦାମୋଦର ହୋତା (୨୦୦୦)

୭. The Classical Music of Orissa - ସି. ଆର୍. ଆଚାର୍ଯ୍ୟ (୨୦ଶତାବ୍ଦୀ)

ଭାରତୀୟ ଭାଷା ସଂସ୍ଥାନ, ଉଚ୍ଚଶିକ୍ଷା ବିଭାଗ,

ଭାରତ ସରକାର, ମହିସୁର

ଦୂରଭାଷ – 8249874608

The work is licensed under a Creative Commons Attribution Non Commercial 4.0 International License

ହିମାଦ୍ରି ତନୟା ମିଶ୍ର (2026). *ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ରୂପରେଖ,* International Journal of Multidisciplinary Research & Reviews, *5(2), 206-213.*

## 1. AUTHOR(S) CONTRIBUTION

The writers affirm that they have no connections to, or engagement with, any group or body That provides financial or non-financial assistance for the topics or resources covered in this Manuscript.

## 2. CONFLICTS OF INTEREST

The authors declared no potential conflicts of interest with respect to the research, authorship, And/or publication of this article.

## 3. PLAGIARISM POLICY

All authors declare that any kind of violation of plagiarism, copyright and ethical matters will\ Take care by all authors. Journal and editors are not liable for aforesaid matters.

## 4. SOURCES OF FUNDING

The authors received no financial aid to support for the research.

## REFERENCES

୩. **ସଙ୍ଗୀତ ରତ୍ନାକର** - ଶାରଙ୍ଗଦେବ (୧୩ଶତାବ୍ଦୀ)

୪. **ଅଭିନୟ ଚନ୍ଦ୍ରିକା** - ମହେଶ୍ୱର ମହାପାତ୍ର (୧୫ଶତାବ୍ଦୀ)

୫. **ସଙ୍ଗୀତ ଦର୍ପଣ** - ଦାମୋଦର ମିଶ୍ର (୧୭ଶତାବ୍ଦୀ)

୬. Odissi Music - ଡ଼. ଦାମୋଦର ହୋତା (୨୦୦୦)

୭. The Classical Music of Orissa - ସି. ଆର୍. ଆଚାର୍ଯ୍ୟ (୨୦ଶତାବ୍ଦୀ)

The work is licensed under a Creative Commons Attribution Non Commercial 4.0 International License